# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**27 March - 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ୨୩ଟି ଜିଲ୍ଲାରେ ଭୂତଳ ଜଳସ୍ତର ହ୍ରାସ ପାଉଛି ବୋଲି ବିଧାନସଭାରେ ସୂଚନା ଦେଲେ ମୁଖ୍ୟମନ୍ତ୍ରୀ
- ଗତ ବର୍ଷକ ମଧ୍ୟରେ ୨୬୩ଟି ପଡାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରାଯାଇଛି; କହିଲେ, ରାଜସ୍ୱ ମନ୍ତ୍ରୀ
- ନାଟକର ମୂଲ୍ୟ ଏବଂ ସମାଜରେ ତାର ପ୍ରଭାବକୁ ଉଜ୍ଜୀବିତ କରିବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ନାଟ୍ୟ ଦିବସ

ଏବଂ

- ରାଜ୍ୟରେ ଆସନ୍ତାକାଲିଠାରୁ ରବିବାର ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ନେଇ କେତେକ ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର

## ଭୂତଳ ଜଳସ୍ତର ହ୍ରାସ

ରାଜ୍ୟର ୨୩ଟି ଜିଲ୍ଲାରେ ଭୂତଳ ଜଳସ୍ତର ହ୍ରାସ ପାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସେ କହିଛନ୍ତି, ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡା, ମାଲକାନଗିରି, ନୂଆପଡ଼ା ଏବଂ ସମ୍ବଲପୁରକୁ ଛାଡ଼ିଦେଲେ ବାକି ସମସ୍ତ ଜିଲ୍ଲାରେ ଭୂତଳ ଜଳସ୍ତର କ୍ରମଶଃ ହ୍ରାସ ପାଉଛି। ଗଜପତି ଏବଂ ରାୟଗଡ଼ା ଜିଲ୍ଲାରେ ପରିସ୍ଥିତି ଅଧିକ ଗୁରୁତର ରହିଛି। ଭୂତର ଜଳସ୍ତର ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଛାତ ଏବଂ ଅରୁଆ ନାମକ ଦୁଇଟି ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ଲୋକସଭା-ଏୟାର ଟିକେଟ୍

କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ଉଡ଼ାଜାହାଜ ଟର୍ବାଇନ୍‌ରେ ବ୍ୟବହୃତ ହେଉଥିବା ତୈଳ ଉପରେ ମୂଲ୍ୟଯୁକ୍ତ କର-ଭାଟ୍ ହ୍ରାସ କରିବା ଲାଗି ପତ୍ର ଲେଖିଛନ୍ତି । ଲୋକସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି, ଉଡ଼ାଜାହାଜ ଟର୍ବାଇନ୍‌ରେ ବ୍ୟବହାର ହେଉଥିବା ତୈଳ ଯୋଗୁଁ ୮୫ ପ୍ରତିଶତ ଦର ବୃଦ୍ଧି ପାଇଥିବା ବେଳେ ରାଜ୍ୟଗୁଡ଼ିକ ଲାଗୁ କରୁଥିବା ୨୯ ପ୍ରତିଶତ ଭାଟ୍ ପାଇଁ ଟିକେଟ୍ ମୂଲ୍ୟ ଅଧିକ ବୃଦ୍ଧି ପାଉଛି । ତେବେ ଇତିମଧ୍ୟରେ କେତେକ ରାଜ୍ୟ ଭାଟ୍ ହ୍ରାସ କରିଥିବା ନେଇ ମନ୍ତ୍ରୀ ଶ୍ରୀ

ନାଇଡୁ ଗୃହରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିମାନ ଟିକେଟ୍ ଦର କେନ୍ଦ୍ର ସରକାର ସ୍ଥିର କରନ୍ତି ନାହିଁ । ବିଭିନ୍ନ ବିଷୟକୁ ଆଧାର କରି ଏହା ସ୍ୱୟଂକ୍ରିୟ ଭାବେ ବୃଦ୍ଧି କିମ୍ବା ହ୍ରାସ ପାଇଥାଏ ।

# ଅଶ୍ୱିନୀ-୫ଜି ମାର୍କେଟ

ବିଶ୍ୱର ଦ୍ୱିତୀୟ ବୃହତ୍ତମ ୫-ଜି ସେବା ଯୋଗାଇ ଦେଉଥିବା ଦେଶ ଭାବେ ଭାରତ ପରିଗଣିତ ହୋଇଛି ବୋଲି କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଶ୍ରୀ ବୈଷ୍ଣବ କହିଛନ୍ତି, ସରକାରଙ୍କ ଦୂରଦୃଷ୍ଟି ଯୋଗୁଁ ବିଭିନ୍ନ କ୍ଷେତ୍ରରେ ମୌଳିକ ସ୍ତରରେ ପରିବର୍ତ୍ତନ ହେବା ସହ ବିଭିନ୍ନ କ୍ଷେତ୍ରରେ ୧୧ ଲକ୍ଷ କୋଟି ଟଙ୍କାର ବିନିଯୋଗ କରାଯାଇଛି। ସେ କହିଛନ୍ତି, ଭାରତୀୟ ରେଳବାଇ ବିଶ୍ୱର ଦ୍ୱିତୀୟ ବୃହତ୍ତମ ପରିବହନ ସଂସ୍ଥା ଭାବେ ବିବେଚିତ ହୋଇଛି । ଚଳିତ ବର୍ଷ ୧ ଦଶମିକ ୬ ବିଲିୟନ ଟନରୁ ଅଧିକ ପରିବହନ କରି ଭାରତୀୟ ରେଳ ରେକର୍ଡ ସ୍ଥାପନ କରିଛି । ଏହା ବ୍ୟତୀତ ଦେଶରେ ବନ୍ଦର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଭାରତ ଏବେ ବିଶ୍ୱର ପ୍ରମୁଖ ବୈଦ୍ୟୁତିକ ସାମଗ୍ରୀ ରପ୍ତାନୀକାରୀ ଦେଶଗୁଡ଼ିକ ମଧ୍ୟରେ ସ୍ଥାନିତ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।

## ପଡାଗ୍ରାମ-ରାଜସ୍ୱଗ୍ରାମ

ରାଜ୍ୟରେ ଗତ ବର୍ଷକ ମଧ୍ୟରେ ୨୬୩ଟି ପଡାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରାଯାଇଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାନସଭାରେ ଆଜି ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଆଉ ୧୪୭ଟି ପଡାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ନେଇ ବିଚାର ଚାଲିଛି। ଆସନ୍ତା ମାସ ସୁଦ୍ଧା ଏ ନେଇ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଆଧୁନିକ ଜ୍ଞାନକୌଶଳ ଉପଯୋଗ ମାଧ୍ୟମରେ ମ୍ୟାପ୍ ପରିବର୍ତ୍ତନ ଏବଂ ସୀମା ନିର୍ଦ୍ଧାରଣ କରାଯାଉଛି। ପଡାଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ନେଇ ଗ୍ରାମବାସୀ ତହସିଲଦାରଙ୍କ ମାଧ୍ୟମରେ ଆବେଦନ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ କଲ୍ୟାଣ ଯୋଜନାରେ ରାଜସ୍ୱ ଗ୍ରାମଗୁଡ଼ିକ ସାମିଲ ହୋଇଥାନ୍ତି।

## ମୁଖ୍ୟମନ୍ତ୍ରୀ-ସହାୟତାରାଶି

ଦେବଗଡ଼ ରିଜର୍ଭ ପୁଲିସ୍ ପଡିଆଠାରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ସମୟରେ ପ୍ରାଣ ହରାଇଥିବା ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତାରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହି ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ବଜ୍ରପାତ ମୃତ୍ୟୁ

ଗତ ୫ ବର୍ଷରେ ରାଜ୍ୟରେ ବଜ୍ରପାତ ଯୋଗୁଁ ୧ ହଜାର ୪୧୮ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ବିଧାନସଭାରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ୨୦୨୦-୨୧ ବର୍ଷରେ ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୩୯ ଜଣଙ୍କର ମୃତ୍ୟୁ ହୋଇଥିଲା । ୨୦୨୧-୨୨ରେ କେନ୍ଦୁଝରରେ ସର୍ବାଧିକ ୨୬ ଜଣଙ୍କର, ୨୦୨୨-୨୩ରେ ମୟୂରଭଞ୍ଜରେ ସର୍ବାଧିକ ୩୫ ଜଣଙ୍କର, ୨୦୨୩-୨୪ରେ ମୟୂରଭଞ୍ଜ ଏବଂ ବାଲେଶ୍ୱରରେ ୨୪ ଜଣ ଲେଖାଏଁ ଏବଂ ଚଳିତବର୍ଷ ଏପର୍ଯ୍ୟନ୍ତ ସର୍ବାଧିକ ବାଲେଶ୍ୱରରେ ୧୮ ଜଣଙ୍କର ବଜ୍ରପାତ ଯୋଗୁଁ ମୃତ୍ୟୁ ହୋଇଥିବା ନେଇ ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

## ବିଶ୍ୱ ନାଟ୍ୟ ଦିବସ

ନାଟକର ମୂଲ୍ୟ ଏବଂ ସମାଜରେ ତା'ର ପ୍ରଭାବକୁ ଉଜ୍ଜୀବିତ କରିବା ନେଇ ଆଜି ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଉଛି । ଆନ୍ତର୍ଜାତିକ ଥିଏଟର୍ ପ୍ରତିଷ୍ଠାନ ପକ୍ଷରୁ ୧୯୬୧ ମସିହାରୁ ଏହି ଦିବସ ପାଳନ କରାଯାଇଆସୁଛି । ଶାନ୍ତି ଏବଂ ସଂସ୍କୃତି ବିଷୟରେ ଲୋକଙ୍କୁ ସଚେତନ କରାଇବାର ବାର୍ତ୍ତା ନେଇ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଥାଏ ।

ଏହି ଦିବସ ଅବସରରେ **ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମଣିଷର ସୁଖ ଦୁଃଖ ଏବଂ ସମାଜରେ ଘଟୁଥିବା ଘଟଣାବଳୀକୁ ନେଇ ମଂଚ ନାଟକ ମାଧ୍ୟମରେ ଦର୍ଶକଙ୍କୁ ଭେଟି ଦେଉଥିବା

କଳାକାରଙ୍କୁ ବିଶ୍ୱ ନାଟ୍ୟ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। **ଆଇନ୍ ମନ୍ତ୍ରୀ** ପୃଥ୍ୱୀରାଜ ହରିଚନ୍ଦନ ଏହି ଅବସରରେ ଶୁଭେଚ୍ଛା ଜଣାଇବା ସହ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ନାଟକ' ସୃଜନଶୀଳତା, ପ୍ରତିଭା ଏବଂ ଉତ୍ସାହର ଏକ ଉତ୍କୃଷ୍ଟ ମାଧ୍ୟମ।

ଏହି ଦିବସ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ନାଟ୍ୟାନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ନାଟକ ପରିବେଷଣ ଏବଂ ନାଟ୍ୟକାର ସମ୍ମାନ ସମାରୋହର ଆୟୋଜନ କରାଯାଇଛି।

**ସୁବର୍ଣ୍ଣପୁର** ଜିଲ୍ଲାର ବିଭିନ୍ନ ସ୍ଥାନରେ ଏ ନେଇ ସ୍ୱତନ୍ତ୍ର ଆଲୋଚନାଚକ୍ରମାନ ଅନୁଷ୍ଠିତ ହୋଇଛି। ଜିଲ୍ଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ନାଟ୍ୟଚକ୍ର, ନାଟ, ମହାନଦୀ ସାହିତ୍ୟ ସଂସଦ ଏବଂ ବୀଣାପାଣି ନାଟ୍ୟ ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକରେ ବହୁ କଳାକାର ଏବଂ ନାଟ୍ୟପ୍ରେମୀ ଯୋଗଦେଇ ମତ ବିନିମୟ କରିଛନ୍ତି। ଜିଲ୍ଲାର କେତେକ ସ୍ଥାନରେ ଆଜି ସନ୍ଧ୍ୟାରେ ମଂଚ ନାଟକ ପରିବେଷଣ କରାଯିବ।

## ଶିଶୁବାଟିକା

ରାଜ୍ୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଲକ୍ଷ୍ୟ ନେଇ ଶିଶୁବାଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜାତୀୟ ଶିକ୍ଷାନୀତି ଅନୁଯାୟୀ ୫ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କୁ ଉତ୍ତମ, ସଂଗଠିତ ଏବଂ ଅନୁଭୂତି ମୂଳକ ଶିକ୍ଷା ପ୍ରଦାନର ବ୍ୟବସ୍ଥା ହୋଇଛି। ଆସନ୍ତାମାସ ୨ ତାରିଖରେ ପିଲାଙ୍କର ବିଦ୍ୟାଳୟ ପ୍ରବେଶ ଉତ୍ସବ

ଏବଂ ଖଡିଛୁଆଁ କାର୍ଯ୍ୟ ଅନୁଷ୍ଠିତ ହେବ। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଶିକ୍ଷା ବିଭାଗ ଏବଂ ଜିଲ୍ଲା ପ୍ରଶାସନର କର୍ମଚାରୀ ଘରକୁ ଘର ବୁଲି ପିଲାଙ୍କୁ ଭେଟିବା ସହ ବିଦ୍ୟାଳୟକୁ ଆସିବା ପାଇଁ ଗୋଲାପ ଫୁଲ ଦେଇ ସ୍ୱାଗତ କରିବା ସହ ଅଭିଭାବକଙ୍କ ସହିତ ମଧ୍ୟ ବିଦ୍ୟାଳୟ ପ୍ରବେଶ ନେଇ ଆଲୋଚନା କରିବେ। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ଅମୃତ ଋତୁରାଜ ଫୁଲବାଣୀ କେନ୍ଦୁପଦର ବସ୍ତିକୁ ଯାଇ ପିଲାମାନଙ୍କୁ ଭେଟିବା ସହ ଗୋଲାପ ଫୁଲ ପ୍ରଦାନ କରିଛନ୍ତି। ଶିକ୍ଷାଲାଭର ଗୁରୁତ୍ୱ ଏବଂ ଏଥିପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ଉପରେ ଜିଲ୍ଲାପାଳ ସମସ୍ତଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ଆକାଶବାଣୀକୁ ସୂଚନା ଦେଇ ଶ୍ରୀ ଋତୁରାଜ କହିଛନ୍ତି......

**-V/O-** (Amrut Ruturaj)

## ତାଲମ ଶିବିର

**ଗଞ୍ଜାମ** ଜିଲ୍ଲା କୃଷି ବିଭାଗ ପକ୍ଷରୁ ଆସିକା ବ୍ଲକ୍ କୃଷି କାର୍ଯ୍ୟାଳୟ ସଭାଗୃହରେ ଆଖୁଚାଷୀଙ୍କ ଦକ୍ଷତା ବୃଦ୍ଧି ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଆଧୁନିକ ଜ୍ଞାନ କୌଶଳ ବିନିଯୋଗ କରି ଆଖୁ ଚାଷ କରିବା ଏବଂ ବିହନ ଉତ୍ପାଦନ କାର୍ଯ୍ୟକ୍ରମ, ଜଳସେଚନ, ମୃତ୍ତିକା ପରୀକ୍ଷା, ରୋଗପୋକ ନିୟନ୍ତ୍ରଣ, ଜୈବିକ ସାର ପ୍ରୟୋଗ ଏବଂ ବନ୍ୟ ଜନ୍ତୁ ପ୍ରଭାବରୁ ଫସଲ ରକ୍ଷା ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ଉପସ୍ଥିତ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଛି।

## ଅନ୍ତର୍ଭୁକ୍ତୀକରଣ ଶିବିର

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୁକ୍ତୀକରଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଶାସନିକ ଅଧିକାରୀ, ବ୍ୟାଙ୍କ, ଡାକବିଭାଗ ଆଦି ଅନୁଷ୍ଠାନର ଅଧିକାରୀ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ସଂଚୟ କରିବାର ଗୁରୁତ୍ୱ ଉପରେ ସୂଚନା ପ୍ରଦାନ କରିଥିଲେ। ସ୍ୱଳ୍ପ ସଂଚୟ ଯୋଜନାଗୁଡ଼ିକ ଉପରେ ମଧ୍ୟ ସେମାନେ ଏହି ଅବସରରେ ଆଲୋକପାତ କରିଥିଲେ। ବିଭିନ୍ନ ପଞ୍ଚାୟତର ବହୁ ଲୋକ ଏହି ଶିବିରରେ ଯୋଗ ଦେଇଥିଲେ।

## ସଚେତନତା କାର୍ଯ୍ୟକ୍ରମ

**ଗଞ୍ଜାମ** ଜିଲ୍ଲାର ପୁରୁଣାବନ୍ଧ ଗ୍ରାମସ୍ଥିତ କଇଁଛ କାର୍ଯ୍ୟାଳୟଠାରେ ଅଲିଭ୍ ରିଡ୍‌ଲେ ଓ ଡଲଫିନ୍‌ଙ୍କ ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସହକାରୀ ବନ ସଂରକ୍ଷକ-ଏସିଏଫ୍ ଦିବ୍ୟଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିରଳ ପ୍ରଜାତି ସାମୁଦ୍ରିକ ଜୀବଙ୍କ ସୁରକ୍ଷା ନେଇ ମତ୍ସ୍ୟଜୀବୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା। ଏଥିରେ ବନବିଭାଗର ବ୍ଲକ୍‌ସ୍ତରୀୟ ଅଧିକାରୀ ଏବଂ ଆଖପାଖ ଅଞ୍ଚଳର ମତ୍ସ୍ୟଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପାଣିପାଗ

ରାଜ୍ୟରେ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା

ଦିଆଯାଇଛି । ତେବେ ଆସନ୍ତାକାଲିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ନେଇ କେତେକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ବୌଦ୍ଧ ଏବଂ ସମ୍ବଲପୁର ଜିଲ୍ଲାକୁ ଆସନ୍ତାକାଲି ପାଇଁ ସତର୍କ ସୂଚନା ଜାରି କରାଯାଇଥିବାବେଳେ ଆସନ୍ତା ଶନିବାର ପାଇଁ ୬ଟି ଜିଲ୍ଲାକୁ ସତର୍କ କରି ଦିଆଯାଇଛି । ସେଗୁଡ଼ିକ ହେଲା- ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗିର ଓ କଳାହାଣ୍ଡି । ଆଜି ଅପରାହ୍ଣ ସାଢ଼େ ଗୋଟାଏ ସୁଦ୍ଧା ସର୍ବାଧିକ ଦିନ ତାପମାତ୍ରା ୩୯ ଦଶମିକ ୮ ଡିଗ୍ରୀ ସେଲସିୟସ୍ ବୌଦ୍ଧଠାରେ ରେକର୍ଡ କରାଯାଇଛି ।

*********************************